**ମଦନଲାଲ୍**

**ବନାମ**

**ଶ୍ୟାମଲାଲ୍**

**ନଭେମ୍ବର 9, 2001**

**[ଏମ୍. ବି. ଶାହ ଏବଂ ଆର୍. ପି. ସେଠୀ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଧାରା 115, ଆଦେଶ 13, ନିୟମ 2 - ଦସ୍ତାବିଜ ସାକ୍ଷ୍ୟ ଉପସ୍ଥାପନ - ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା – ବାଦୀଙ୍କ ପକ୍ଷରୁ ସମସ୍ତ ସାକ୍ଷ୍ୟ ପ୍ରଦାନ ସମାପ୍ତ ହେବା ପରେ ପ୍ରତିବାଦୀ କିଛି ଦସ୍ତାବିଜ ଉପସ୍ଥାପନ ପାଇଁ ଆଦେଶ 13, ନିୟମ 2 ଅନୁଯାୟୀ ଆବେଦନ କରିଛନ୍ତି - ବିଚାର କରୁଥିବା ନ୍ୟାୟାଳୟ ଆବେଦନକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ପ୍ରତିବାଦୀ ନା ନିଜ ଶପଥ ପତ୍ର ଦାଖଲ କରିଛନ୍ତି ନା ବିଳମ୍ବରେ ଦସ୍ତାବିଜଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ଏକ ଯଥାର୍ଥ କାରଣ ଦର୍ଶାଇଛନ୍ତି - ପ୍ରତିବାଦୀଙ୍କ ପୁନଃରୀକ୍ଷଣ ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ କରାଯାଇଛି - ଏହା ବିଚାର କରାଯାଇଥିଲା ଯେ, ଏପରି ଦସ୍ତାବିଜ, ଯାହାକୁ ସନ୍ଦେହ କରାଯାଇପାରିବ ନାହିଁ, ତାହାର ଉପସ୍ଥାପନକୁ ନେଇ କୌଣସି ଗମ୍ଭୀର ଆପତ୍ତି ହୋଇପାରିବ ନାହିଁ - ଖୁବ୍ ବେଶୀରେ, ବାଦୀଙ୍କୁ ପ୍ରତିବାଦରେ ପ୍ରମାଣ ଉପସ୍ଥାପନ କରିବାର ସୁଯୋଗ ଦିଆଯିବା ଉଚିତ କିନ୍ତୁ ଏହା ନ୍ୟାୟାଳୟଙ୍କ ଦ୍ୱାରା ଉପଯୁକ୍ତ ପର୍ଯ୍ୟାୟରେ କରାଯାଇପାରିବ - ତେବେ, ଏହି ମାମଲାରେ, ପ୍ରତିବାଦୀଙ୍କ ଦ୍ୱାରା ଦର୍ଶାଯାଇଥିବା କାରଣକୁ ଆଦେଶ 13 ନିୟମ 2 ଅନୁଯାୟୀ ଏକ ''ଯଥାର୍ଥ କାରଣ'' ଭାବରେ ବିବେଚନା କରାଯାଇ ନଥିଲା - ଏହା ସତ୍ୟ ଯେ ଆଦେଶ 13, ନିୟମ 2 ଅନୁଯାୟୀ ଥିବା କ୍ଷମତାକୁ ଅଣ କଠୋରତା ଭାବରେ ପ୍ରୟୋଗ କରାଯାଇପାରିବ ଏବଂ ''ପର୍ଯ୍ୟାପ୍ତ କାରଣ'' ଅପେକ୍ଷା ''ଯଥାର୍ଥ କାରଣ'' ପାଇଁ କମ୍ ପ୍ରମାଣ ଆବଶ୍ୟକ ହୋଇଥାଏ - ହୁଏତ ସେହି ଆଦେଶ ତ୍ରୁଟିଯୁକ୍ତ ହୋଇପାରେ, ତଥାପି, ଏହା କୁହାଯାଇପାରିବ ନାହିଁ ଯେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଏପରି ଆଦେଶରେ ଧାରା 115 ଅନୁଯାୟୀ ହସ୍ତକ୍ଷେପ କରାଯାଇପାରିବ - ଏହା କୁହାଯାଇପାରିବ ନାହିଁ ଯେ ବିଚାର କରୁଥିବା ନ୍ୟାୟାଳୟ ପ୍ରତିବାଦୀଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରିବାରେ ଏହାର କ୍ଷେତ୍ରାଧିକାରିତାର ପ୍ରୟୋଗରେ ତଥ୍ୟଗତ ଅନିୟମିତତା କରିଛନ୍ତି ଏବଂ ଏହି ଆଦେଶକୁ ଯଦି ଅନୁମତି ଦିଆଯାଏ,*

*ତେବେ ନ୍ୟାୟର ବିଫଳତା ହେବ - ''ଅଧିକାରିତା ପ୍ରୟୋଗରେ ତଥ୍ୟଗତ ଅନିୟମିତତା'' ଶବ୍ଦଗୁଡ଼ିକ ତଥ୍ୟ କିମ୍ବା ଆଇନର ତ୍ରୁଟିକୁ ଅନ୍ତର୍ଭୁକ୍ତ କରେ ନାହିଁ - ପୁନଃରୀକ୍ଷଣ ।*

*ଅର୍ଜୁନ ସିଂହ ବନାମ ମୋହିନ୍ଦ୍ର କୁମାର ଏବଂ ଅନ୍ୟମାନେ,* **AIR (1964) SC 993** *ଏବଂ କେଶରଦେଓ ଚମିରା ବନାମ ରାଧା କିସନ ଚମିରା ଏବଂ ଅନ୍ୟମାନେ,* **[1953] SCR 136 ମାମଲାଦ୍ୱୟକୁ ଉଲ୍ଲେଖ କରାଯାଇଛି ।**

*ଶବ୍ଦ ଏବଂ ବାକ୍ୟାଂଶ:*

*''ଯଥାର୍ଥ କାରଣ'' ଏବଂ "ପର୍ଯ୍ୟାପ୍ତ କାରଣ" ଶବ୍ଦ - ''କ୍ଷେତ୍ରାଧିକାରିତା ପ୍ରୟୋଗରେ ତଥ୍ୟଗତ ଅନିୟମିତତା'' ଶବ୍ଦର ଅର୍ଥ - ତାହାର ଅର୍ଥ ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 7810/2001 ।

ଏସ୍.ବି. ଦେୱାନୀ ପୁନରୀକ୍ଷଣ ସଂଖ୍ୟା 216/2001 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ 27.2.2001 ର ରାୟ ଏବଂ ଆଦେଶରୁ ଏହି ଆବେଦନ କରାଯାଇଛି ।

ଆବେଦନକାରୀଙ୍କ ତରଫରୁ ବି. ଡି. ଶର୍ମା ।

ଉତ୍ତରଦାତାଙ୍କ ତରଫରୁ ମେସର୍ସ କେ. ଏଲ୍. ମେହେଟ୍ଟା ଏବଂ କମ୍ପାନୀ ପାଇଁ ସୁଶ୍ରୀ ଶୋଭା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଏସ୍.ବି.ଦେୱାନୀ ପୁନରୀକ୍ଷଣ ସଂଖ୍ୟା 216/2001 ରେ ଯୋଧପୁରସ୍ଥିତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 27.2.2001 ତାରିଖରେ ପାରିତ ହୋଇଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଆବେଦନ ଦାୟର କରାଯାଇଛି ।

ମାମଲାର ତଥ୍ୟଗୁଡ଼ିକ ହେଉଛି - କୃଷି ଜମି ଏବଂ ଆବାସିକ କ୍ଷେତ୍ରକୁ ଜରସମନ 1,50,000 ଟଙ୍କାରେ ବିକ୍ରି କରିବା ପାଇଁ 1.8.1992 ତାରିଖରେ ହୋଇଥିବା ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ଉତ୍ତରଦାତା ଏକ ଦେୱାନୀ ମକଦ୍ଦମା ଦାୟର କରିଥିଲେ । ଆବେଦନକାରୀ

18.1.1996 ତାରିଖରେ ଲିଖିତ ବିବୃତି ଦାଖଲ କରିଥିଲେ ଏବଂ ସେ ଉତ୍ତରଦାତାଙ୍କ ସପକ୍ଷରେ ବିକ୍ରି କରିବା ପାଇଁ ଏପରି କୌଣସି ଚୁକ୍ତିନାମା କାର୍ଯ୍ୟକାରୀ କରିଥିବା କଥାକୁ ଅସ୍ୱୀକାର କରିଥିଲେ ଏବଂ ଉତ୍ତରଦାତା ସାଧା ମୁଦ୍ରିତ କାଗଜରେ ନିଆଯାଇଥିବା ତାଙ୍କ ଦସ୍ତଖତକୁ ଅପବ୍ୟବହାର କରିଛନ୍ତି ବୋଲି ସେ କହିଥିଲେ । ଉତ୍ତରଦାତାଙ୍କ ପକ୍ଷରୁ ସାକ୍ଷୀମାନଙ୍କ ପ୍ରମାଣ ନଥିଭୁକ୍ତ କରାଯିବା ପରେ, ବିବାଦରେ ଥିବା ଏକ ବିଘା କୃଷି ଜମିର ଅଧିଗ୍ରହଣ ସମ୍ବନ୍ଧରେ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପାରିତ ଅଧିନିର୍ଣ୍ଣୟର ନକଲ, ତାଙ୍କ ଘରର ବିଦ୍ୟୁତ୍ ହିସାବ ଫର୍ଦ୍ଦ ଏବଂ ୨00 ବର୍ଗ ଗଜ ଜମି, ଯାହା ମଧ୍ୟ ମକଦ୍ଦମା ସମ୍ପତ୍ତିର ଏକ ଅଂଶ ଅଟେ, ତାହା ସମ୍ବନ୍ଧରେ ଜନୈକ ନାଥୁ ରାମଙ୍କ ସପକ୍ଷରେ 9.2.1987 ତାରିଖରେ ଆବେଦନକାରୀଙ୍କ ଦ୍ୱାରା ନିଷ୍ପାଦିତ ହୋଇଥିବା ପଞ୍ଜୀକୃତ ବିକ୍ରି ଦଲିଲର ନକଲ ଉପସ୍ଥାପନ କରିବା ପାଇଁ ଆବେଦନକାରୀ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 13, ନିୟମ 2 ଅନୁଯାୟୀ ଆବେଦନ ଦାୟର କରିଥିଲେ । ବାଦୀ ନିଜ ପକ୍ଷରୁ ସମସ୍ତ ସାକ୍ଷ୍ୟ ପ୍ରଦାନ ସମାପ୍ତ କରିସାରିଛନ୍ତି ଏବଂ ପ୍ରତିବାଦୀ ନିଜର ଶପଥ ପତ୍ର ଦାଖଲ କରିନାହାନ୍ତି କିମ୍ବା ଉକ୍ତ ଦସ୍ତାବିଜଗୁଡ଼ିକୁ ବିଳମ୍ବରେ ଉପସ୍ଥାପନ କରିବା ପାଇଁ କୌଣସି ଯୁକ୍ତିସଙ୍ଗତ କାରଣ ଦର୍ଶାଇପାରିନାହାନ୍ତି - ଏହି ଆଧାରରେ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ସେହି ଆବେଦନଗୁଡ଼ିକୁ ବିଚାର କରୁଥିବା ନ୍ୟାୟାଳୟ ଏହାର 11.1.2001 ର ରାୟ ଏବଂ ଆଦେଶ ଦ୍ୱାରା ପ୍ରତ୍ୟାଖ୍ୟାନ କରିଦେଇଥିଲେ । ପୁନରୀକ୍ଷଣ ଆବେଦନ ଦାୟର କରି ସେହି ଆଦେଶକୁ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତି କରାଯାଇଥିଲା, ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ 27.2.2001 ର ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ଏହା କହି ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ, ଲିଖିତ ବିବୃତିରେ ଉକ୍ତ ଦସ୍ତାବିଜଗୁଡ଼ିକର କୌଣସି ଉଲ୍ଲେଖ ନଥିଲା ଏବଂ ନିର୍ଦ୍ଦିଷ୍ଟ ସମୟରେ ଏହାକୁ ଉପସ୍ଥାପନ ନକରିବାର କୌଣସି ଯଥାର୍ଥ କାରଣ ଦର୍ଶାଯାଇ ନଥିଲା । ସେହି ଦସ୍ତାବିଜଗୁଡ଼ିକୁ ନଥିରେ ନେବାକୁ ମନା କରିବାରେ ବିଚାର କରୁଥିବା ନ୍ୟାୟାଳୟ ପ୍ରୟୋଗ କରିଥିବା ଏହାର କ୍ଷେତ୍ରାଧିକାରିତା ସମ୍ବନ୍ଧରେ ଏହା କୌଣସି ଅନିୟମିତତା କିମ୍ବା ତ୍ରୁଟି କରିନାହାଁନ୍ତି ବୋଲି ମଧ୍ୟ ଉଚ୍ଚ ନ୍ୟାୟାଳୟ ଉପସଂହାର ପହଞ୍ଚିଥିଲେ । ସେଥିପାଇଁ, ପୁନରୀକ୍ଷଣକୁ ଖାରଜ କରିଦିଆଯାଇଥିଲା ।

ଆବେଦନକାରୀ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପାରିତ ଆଦେଶର ପ୍ରମାଣୀକୃତ ନକଲ, ପଞ୍ଜୀକୃତ ବିକ୍ରି ଦଲିଲ ଏବଂ ବିଦ୍ୟୁତ୍ ହିସାବ ଫର୍ଦ୍ଦ ଉପସ୍ଥାପନ କରିବାକୁ ପ୍ରଚେଷ୍ଟା କରିଥିଲେ । ଏହି ଦସ୍ତାବିଜଗୁଡ଼ିକର ସତ୍ୟତା ପାଇଁ, କୌଣସି ସନ୍ଦେହ ନଥାଇପାରେ । ଏକମାତ୍ର ପ୍ରଶ୍ନ ହେଉଛି - ଯେହେତୁ ପ୍ରସଙ୍ଗଗୁଡ଼ିକର ନିର୍ଦ୍ଧାରଣ ହେବା ପୂର୍ବରୁ ଦସ୍ତାବିଜଗୁଡ଼ିକୁ ନିର୍ଦ୍ଦିଷ୍ଟ

ସମୟରେ ଉପସ୍ଥାପନ କରାଯାଇନଥିଲା, ତେଣୁ ତାଙ୍କ ସାକ୍ଷ୍ୟ ନଥିଭୁକ୍ତ ହେବା ପୂର୍ବରୁ ତାଙ୍କୁ ତାହା ଉପସ୍ଥାପନ କରିବାକୁ ଅନୁମତି ଦିଆଯିବା ଉଚିତ କି ନୁହେଁ । ଏହା ସତ୍ୟ ଯେ ଏପରି ଦସ୍ତାବିଜଗୁଡ଼ିକର, ଯାହା ଉପରେ ସନ୍ଦେହ କରାଯାଇପାରିବ ନାହିଁ, ଉପସ୍ଥାପନ ଉପରେ କୌଣସି ଗମ୍ଭୀର ଆପତ୍ତି କରାଯାଇପାରିବ ନାହିଁ । ଖୁବ୍ ବେଶୀରେ, ବାଦୀଙ୍କୁ ପ୍ରତିବାଦରେ ପ୍ରମାଣ ଉପସ୍ଥାପନ କରିବାର ସୁଯୋଗ ଦିଆଯିବା ଉଚିତ କିନ୍ତୁ ଏହା ନ୍ୟାୟାଳୟଙ୍କ ଦ୍ୱାରା ଉପଯୁକ୍ତ ପର୍ଯ୍ୟାୟରେ କରାଯାଇପାରିବ । ଆବେଦନକାରୀଙ୍କ କହିବା ଅନୁଯାୟୀ, ଏହି ଦସ୍ତାବିଜଗୁଡ଼ିକୁ ପଲରାମ ନାମକ ଜଣେ ଆଇନ ସ୍ନାତକ ଏବଂ ତାଙ୍କ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ନ୍ୟାୟାଳୟରେ ଉପସ୍ଥାପନ କରିବା ପାଇଁ ଦିଆଯାଇଥିଲା, କିନ୍ତୁ ସେ ସେଗୁଡ଼ିକୁ ହଜାଇ ଦେଇଛନ୍ତି ଏବଂ ତାହା ପରେ ସେ ପ୍ରମାଣିତ ନକଲ ପ୍ରାପ୍ତ କରିବା ପରେ ଆବେଦନଗୁଡ଼ିକୁ ଦାୟର କରିଛନ୍ତି । ତେବେ, ଉତ୍ତରଦାତାଙ୍କ ତରଫରୁ ବିଜ୍ଞ ଓକିଲ ବିଭିନ୍ନ ଯୁକ୍ତି ଦର୍ଶାଇ ଉକ୍ତ ଦସ୍ତାବିଜଗୁଡ଼ିକର ଉପସ୍ଥାପନକୁ ଆପତ୍ତି କରିଛନ୍ତି, ଯାହାକୁ ଏହି ଆବେଦନରେ ବିଚାର କରାଯିବାର ଆବଶ୍ୟକତା ନାହିଁ ।

ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା କାରଣକୁ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 13, ନିୟମ 2 ଅନୁଯାୟୀ ପ୍ରଦାନ କରାଯାଇଥିବା ଏକ "ଯଥାର୍ଥ କାରଣ" ଭାବରେ ବିବେଚନା କରାଯାଇନଥିଲା । ଏହା ସତ୍ୟ ଯେ ଆଦେଶ 13, ନିୟମ 2 ଅଧୀନରେ ଥିବା କ୍ଷମତାକୁ ଅଣ କଠୋରତା ଭାବରେ ପ୍ରୟୋଗ କରାଯାଇପାରିବ ଏବଂ "ପର୍ଯ୍ୟାପ୍ତ କାରଣ" ଅପେକ୍ଷା "ଯଥାର୍ଥ କାରଣ" ପାଇଁ କମ୍ ପ୍ରମାଣ ଆବଶ୍ୟକ ହୋଇଥାଏ । (*ଅର୍ଜୁନ ସିଂହ ବନାମ ମୋହିନ୍ଦ୍ର କୁମାର ଏବଂ ଅନ୍ୟମାନେ,* AIR (1964) SC 993) । ହୁଏତ ସେହି ଆଦେଶ ତ୍ରୁଟିଯୁକ୍ତ ହୋଇପାରେ, ତଥାପି, ଏହା କୁହାଯାଇପାରିବ ନାହିଁ ଯେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଏପରି ଆଦେଶରେ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ଅନୁଯାୟୀ ହସ୍ତକ୍ଷେପ କରାଯାଇପାରିବ । ଏହା କୁହାଯାଇପାରିବ ନାହିଁ ଯେ ବିଚାର କରୁଥିବା ନ୍ୟାୟାଳୟ ପ୍ରତିବାଦୀଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରିବାରେ ଏହାର କ୍ଷେତ୍ରାଧିକାରିତାର ପ୍ରୟୋଗରେ ତଥ୍ୟଗତ ଅନିୟମିତତା କରିଛନ୍ତି ଏବଂ ଏହି ଆଦେଶକୁ ଯଦି ଅନୁମତି ଦିଆଯାଏ, ତେବେ ନ୍ୟାୟର ବିଫଳତା ହେବ । "ଅଧିକାରିତା ପ୍ରୟୋଗରେ ତଥ୍ୟଗତ ଅନିୟମିତତା" ଶବ୍ଦଗୁଡ଼ିକ ତଥ୍ୟ କିମ୍ବା ଆଇନର ତ୍ରୁଟିକୁ ଅନ୍ତର୍ଭୁକ୍ତ କରେ ନାହିଁ । (*କେଶରଦେଓ ଚମିରା ବନାମ ରାଧା କିସନ ଚମିରା ଏବଂ*

*ଅନ୍ୟମାନେ*, [1953] SCR 136)। ଯଦି ଆବେଦନକାରୀଙ୍କ ବିରୁଦ୍ଧରେ ବିଚାରାଦେଶ ପାରିତ ହୁଏ, ତେବେ ଅପିଲୀୟ ପର୍ଯ୍ୟାୟରେ ସେ ଏହି ଯୁକ୍ତି କରିପାରିବେ ।

ସେଥିପାଇଁ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନଦେଇ ଆବେଦନକୁ ଖାରଜ କରାଯାଇଛି ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।